## ବଲାଙ୍ଗିର ବନ୍ୟାକୁ ମାସେ ପୂରିଲା, ପ୍ରତିଶ୍ରୁତି ପୂରଣ ହେଲାନି

- ଆଶଙ୍କାରେ ଚାଷୀ ହତାଶ
- ରାଜ୍ୟ କୃଷିମନ୍ତ୍ରୀଙ୍କ ମୁହଁ ବନ୍ଦ
- କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଣିର ଗାର

ବଲାଙ୍ଗିର, (ଆପ୍ର): ବଲାଙ୍ଗିର ବନ୍ୟା ସହାୟତା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବାରେ ବିଳମ୍ବ ଯୋଗୁଁ ୟୁଥ ଏକ୍ସନ କମିଟି ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା । ଲୋକ ସଂଗଠନ ଏସ୍‌ଭିଏସ୍ ପୁଇଁତଲା ଚାଷୀମାନଙ୍କୁ ନେଇ ଆନ୍ଦୋଳନ ପ୍ରସ୍ତୁତି ଚଳାଇଥିବା ଜଣାଯାଏ । ଇତି ମଧ୍ୟରେ ବନ୍ୟାକୁ ମାସେ ପୂରିଥିଲେ ବି ପ୍ରତିଶୃତି ପୂରଣ ହୋଇନାହିଁ । କୁହୁଳୁଛି ଅସନ୍ତୋଷ । ଶୁଖା ମରୁଡ଼ି ଅପଖ୍ୟାତିର ସହର ବଲାଙ୍ଗିର ଜିଲ୍ଲାର ୫ଟି ବ୍ଲକରେ ଦଶନ୍ଧି ଦଶନ୍ଧି ପରେ ହୋଇଥିବା ଭୀଷଣ ବନ୍ୟାକୁ ମାସେ ପୂରି ଯାଇଛି । ମେଘ ଦେଖିଲେ ତଳିଆ ଅଂଚଳରେ ବସବାସ କରୁଥିବା ଲୋକଙ୍କ ମନରେ ଛନକା ପଶୁଛି । ଗରୀବଙ୍କ ଜୀବନ ଯାତ୍ରା ସ୍ୱାଭାବିକ ହୋଇ ନାହିଁ । କିଛିଦିନ ପାଇଁ କେତେକ ସ୍ଥାନରେ ଖାଦ୍ୟ ବ୍ୟବସ୍ଥା, ପଲିଥିନ ବଂଟନ, ଖଣ୍ଡିଆ ରାସ୍ତାର ଅସ୍ଥାୟୀ ମରାମତି, କ୍ଷୟକ୍ଷତି ଆକଳନରେ ସରକାରୀ ସହାୟତା ସୀମିତ ହୋଇ ରହିଯାଇଛି । ଲୋକ ପ୍ରତିନିଧିଙ୍କ ଘନ ଘନ ବୁଲାବୁଲି ଓ ଅନୁଗତଙ୍କ ମାଧ୍ୟମରେ ସୋସିଆଲ ମିଡ଼ିଆରେ ପ୍ରଚାର, ବଡ଼କୁହା ନେତାମାନଙ୍କ ବଡ଼ ବଡ଼ ଦାବିରେ ବିବୃତ୍ତି ତଥା ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ବନ୍ୟାଂଚଳ ପରିଦର୍ଶନ ସମୀକ୍ଷା ବୈଠକ ପରେ ଜନସାଧାରଣଙ୍କ ମନରେ ସହାୟତା ପାଇବା ଆଶା ବଢ଼ିଥିବା ବେଳେ ମାସେ ପରେ ପ୍ରତିଶୃତି ଶୂନ ।

ଲୋଇସିଂହା ବ୍ଲକ ଜୁଗିସର୍ଡ଼ା ପଂଚାୟତର ଗୁଞ୍ଜିଭଟ୍ଟା ଭଳି ବନ୍ୟା ପାଣିରେ ବୁଡ଼ି ଦୁର୍ବଳ ହୋଇଥିବା ମାଟି ଓ କଂଚା ଇଟାରେ ତିଆରି ଘର ଭୁଷୁଡ଼ି ଧନ ଜୀବନ ହାନୀର ଦୁଃଖଦାୟକ ଘଟଣା ବିଭିନ୍ନ ସ୍ଥାନରେ ଘଟୁଛି । ଜିଲ୍ଲାକୁ କେବେ ମିଳିବ ଆବାସ ଯୋଜନାରେ ଅତିରିକ୍ତ କୋଟା ? ଭୂମିହୀନଙ୍କୁ ଘରଡ଼ିହ ବଂଟନ ଶୀତଳ ଭଣ୍ଡାରରେ, ଗରୀବଙ୍କ ପକ୍କାଘର ଆଶା ପୂରଣ ଭରସା ପାଉନାହିଁ । କେବଳ ସେତିକି ନୁହେଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛୋଟ ବ୍ୟବସାୟୀଙ୍କୁ ମୁଦ୍ରା ଋଣ ଯୋଗାଣ ନିର୍ଦ୍ଦେଶ କେବଳ ଆଶ୍ୱାସନା ମାତ୍ର । ବ୍ୟାଙ୍କ ଅଧିକାରୀମାନଙ୍କ ଉଦାସୀନତା ମନୋଭାବ ନ କହିବା ଭଲ । ଘରୋଇ ଓ ମାଇକ୍ରୋଫାଇନାନ୍ସ ଜାଲରେ ବିଚରା ଛୋଟ ବ୍ୟବସାୟୀ ।

ଶହ ଶହ ଏକର ଚାଷଜମିରେ ବାଲି ମାଡ଼ିଯାଇଛି । କେଉଁଠି ଅଂଟାଏ ତ କେଉଁଠି ଆଣ୍ଠୁଏ । ଅନେକ ଚାଷୀଙ୍କ ପୂରା ବରଷକର ଆୟ ଶୂନ ସ୍ଥିତିରେ । ଚାଷରେ ଯାହା ଖର୍ଚ୍ଚ ହୋଇଥିଲା ତାହାତ ଗଲା ପୁଣି ଜମି ସଜାଡ଼ିବା ପାଇଁ ଦରକାର ମୋଟା ଟଙ୍କା । ବର୍ଷେର ଖାଇବା ପିନ୍ଧିବା, ରୋଗ ଦଃୁଖ, ପର୍ବପର୍ବାଣି ବିବାହ ବ୍ରତ ହେବ କିପରି ? ଜମିବାଡ଼ି ସଜଡ଼ାଯିବ କେଉଁଠୁ ଚିନ୍ତାରେ ଚାଷୀ । ଏ ସଂକ୍ରାନ୍ତରେ ମିଳିଥିବା ୧୯୮୨ ଓ ପର ବନ୍ୟା ସହାୟତା ରାଶି ପରିମାଣ ବିଚରକୁ ନେଇ ଭରସା କରିପାରୁ ନାହାଁନ୍ତି । ଏ ପରିସ୍ଥିତିରେ କ୍ରପ କଟିଙ୍ଗର ଆବଶ୍ୟକତା ନ ଥିବାବେଳେ କୃଷିବୀମା ମିଳବ କି ନାହିଁ, କେବେ ମିଳିବ ପ୍ରଭୁ ଜାଣନ୍ତି । ଆଜିଯାଏ ରାଜ୍ୟ କୃଷୀମନ୍ତ୍ରୀଙ୍କ ଆଜିଯାଏ ଦେଖା ନାହିଁ । ବିଜେପି, କଂଗ୍ରେସ ଦଳର ତଥା ସରକାରୀ ଚାଷୀ ନେତାମାନଙ୍କ ଚାଷୀଙ୍କ ପାଇଁ ପାଟି ଖୋଲି ନାହିଁ । ଚାଷୀକୁ ସହାୟତା ନୁହେଁ ପ୍ରକୃତ କ୍ଷତି ଭରଣା ପାଇଁ ଏସ୍ ଭି ଏସ୍ କର୍ମକର୍ତ୍ତା ବାସୁଦେବ ବସ୍ତିଆ, ପ୍ରଦୀପ ପଧାନ, ଢ଼େକଲ ସିଂ ମୁନା, ମଧୁସୂଦନ କ୍ଷେତି ପ୍ରମୁଖ ଦାବି କରନ୍ତି ।

ଅନ୍ୟପଟେ ବନ୍ୟାର କାରଣ ନେଇ ଟାହି ଟାପରାରେ ବ୍ୟସ୍ତ ସମସ୍ତେ । କିଏ ରେକର୍ଡ଼ ପରିମାଣର ବର୍ଷା ତ ଆଉ କିଏ ଲକ୍ଷ୍ମୀଜୋର ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମିତ ଚେକଡ଼େମ , ଓସାର ସଂକୋଚନ ତଥା ସାରା ସହରର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମାର ଜବର ଦଖଲ ଏବଂ ଗନ୍ଧରେଲ ଡ୍ୟାମ୍‌କୁ ଦାୟୀ କରୁଛି । ଆଗକୁ ପୌର ପରିଷଦ ନିର୍ବାଚନ, ବନ୍ୟା ରାଜନୀତି ଥମିବାର ଆଶା କରାଯାଇ ନ ପାରେ । ପୌର ନିର୍ବାଚନରେ ପ୍ରମୁଖ ମୁଦ୍ଦା ରହିବ । ଫଳାଫଳ ପ୍ରଭାବିତ ହେବାର ଆଲୋଚନା ଶୁଣାଯାଏ । କିନ୍ତୁ ସହର ଉପକଂଟରେ ଅବସ୍ଥିତ ବିଷ୍ଣୁମୁଣ୍ଡା ପୋଖରୀ କାମ ନିମ୍ନମାନ ଅଭିଯୋଗକୁ ସେତେବେଳେ ବିଭାଗୀୟ ଅଧିକାରୀମାନେ ଅଣଦେଖା କରିଥିଲେ । ଯନ୍ତ୍ରୀ ଠିକାଦାର ସଲାସୁତୁରା ହେଉ ବା ରାଜନୈତିକ ଚାପ ହେତୁ ଅଣଦେଖା ହିଡ଼ ଭାଙ୍ଗି ତଳମୁଣ୍ଡରେ ବହୁ ଜମିବାଡ଼ିର ଚାଷ ଉଜୁଡ଼ି ଯାଇଛି । ଏଠି ମଧ୍ୟ ଚାଷୀମାନେ ମନୁଷ୍ୟକୃତ ବନ୍ୟା ବୋଲି କହିବା ଶୁଣାଯାଏ ।

ଯାହବି ହେଉ ଚୌତରଫା ସମାଲୋଚନା ପରେ ପୌର ପରିଷଦ ତରଫରୁ ଜବର ଦଖଲ ହଟାଇବା କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରୁଛନ୍ତି । କିନ୍ତୁ ବହୁ ବିଶିଷ୍ଟଙ୍କ ସଂପୃକ୍ତି ଯୋଗୁଁ କେତେ ଆଗକୁ ଯିବ ନା ଆଗ ପରି ଅଧାବାଟରେ ବାଟବଣା ହେବ , ବୁଦ୍ଧିଜୀବୀ ଉତ୍କଣ୍ଠା ସହ ଅପେକ୍ଷା କରିଛନ୍ତି । ହୋ ହାଲ୍ଲାରେ ଲୁଚି ନ ଯାଉ ଅସଲ ଥଇଥାନ ।

## ଶିଶୁକନ୍ୟା ଦୁଷ୍କର୍ମର ଶିକାର

ବରଗଡ଼, (ଆପ୍ର): ପାଇକମାଲ ଥାନା ଅନ୍ତର୍ଗତ ଗ୍ରାମରେ ୯ବର୍ଷର ଶିଶୁ କନ୍ୟା ଦୁଷ୍କର୍ମର ଶିକାର ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରଥମେ ଖେଳିଗଲା ବେଳେ ୯ବର୍ଷର ଶିଶୁକନ୍ୟାକୁ ୧୪ବର୍ଷର ଅପ୍ରାପ୍ତ ବୟସ୍କ ବାଳକ ପ୍ରବର୍ତ୍ତାଇ ବିଫଳ ହେବାପରେ ଦୁଷ୍କର୍ମ କରିଥିବା ଜଣାଯାଇଛି । ଶିଶୁ ସୁରକ୍ଷା ସମିତି ଘଟଣା ଜାଣି ପୋଲିସକୁ ଖବର ଦେବାପରେ ଦୁଷ୍କର୍ମକାରୀ ବାଳକର ଖୋଜା ଚାଲିଥିବା ବେଳେ ଶିଶୁକନ୍ୟାକୁ ଚିକିତ୍ସା ଓ ଡାକ୍ତରିମାଇନା ପାଇଁ ବୁର୍ଲା ପଠାଯାଇଛି ।

## ବିଦ୍ୟୁତ୍ ତାର ଚୋରି ସମୟରେ ଯୁବକର ମୃତ୍ୟୁ

ବ୍ରଜରାଜନଗର, (ଆପ୍ର): ସୋମବାର ବିଳମ୍ବିତ ରାତିରେ ଚୁନାଭଟା ଠାରେ ବିଦ୍ୟୁତ୍ ତାର ଚୋରିକରିବାକୁ ଯାଇ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଚୁନାଭଟାରେ ରହୁଥିବା ସଦାନନ୍ଦ ବର୍ତ୍ତାଙ୍କ ପୁଅ ଅଜୟ ବର୍ତ୍ତା(୨୦) ଗତ କିଛି ମାସ ହେବ ବାଙ୍ଗାଲୁରୁରେ ରହୁଥିଲା । ଗତ ୧୦ଦିନ ତଳେ ସେ ବାଙ୍ଗାଲୁରୁରେ ମୃତ୍ୟୁ ହୋଇଥିବା ଘରକୁ ଖବର ଆସିଥିଲା । ଅଜୟର ପରିବାର ଲୋକ ଗରିବ ହୋଇଥିବାରୁ ବାଙ୍ଗାଲୁରୁ ଯାଇନପାରି ବ୍ରଜରାଜନଗର ପୋଲିସ୍‌କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ । ହେଲେ କୌଣସି ସତ୍ୟାସତ୍ୟ ଜାଣିନପାରି ପରିବାର ଲୋକ ଅଜୟର ସୁଧିକ୍ରିୟା କରିବାକୁ ୧୪ ତାରିଖ ଦିନ ଯୋଗାଡ଼ କରୁଥିବା ବେଳେ ଅଜୟ ହଠାତ୍ ଆସି ଘରେ ପହଞ୍ଚିଥିଲା । କିନ୍ତୁ ଭାଗ୍ୟର ବିଡମ୍ବନା ଯେ, ମିଛ ସୁଧିକ୍ରିୟା ପାଇଁ ଯୋଗାଡ଼ କରୁଥିବା ଘରଲୋକ ଆଜି ସତରେ ଅଜୟର ସୁଧିକ୍ରିୟା କରିବାକୁ ଯାଉଛନ୍ତି । ଗତକାଲି ବିଳମ୍ବିତ ରାତିରେ ଅଜୟ ଚୁନାଭଟା ଠାରେ ଥିବା ୨୨୦ ଭୋଲ୍ଟ ଏଲ୍‌ଇଡି ଲାଇଟ୍‌ର ତାର କାଟି ଚୋରି କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲା । ବ୍ରଜରାଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିଛି ।


### MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା–ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)–୦୬୬୩–୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

#### ଇ–ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ–ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ–ଟେଣ୍ଡାର ପୋର୍ଟାଲ (https://coalindiatender.nic.in) ର ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି । ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ ।

| କ୍ରମ ସଂ. | ଟେଣ୍ଡାର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ (in Rs.) |
|---|---|---|---|
| 1 | 2019_MCL_149407_1 | Printed Stationary | 650500.00 |
| 2 | 2019_MCL_149445_1 | SUPPLY OF ARMATURE SPARES. | 272324.00 |
| 3 | 2019_MCL_149457_1 | Procurement of Armoured Cable suitable for using as transmission cable of Telemonitoring system. | 573480.00 |
| 4 | 2019_MCL_149470_1 | SPARES FOR CROWD MOTOR AND EXCITER GENERATOR. | 1497400.00 |
| 5 | 2019_MCL_149471_1 | Washing of MTK building, Managers Office etc, cleaning of grass, roads and other misc. work at Mine No. 4 under Orient Sub-Area | 607593.00 |
| 6 | 2019_MCL_149487_1 | Underground Dismantling and transportation of Belt Conveyor Structure and 50mm dia MS Pipe from 12th Incline to Surface at Orient Colliery Mine No-4, OSA, OA, MCL | 232550.00 |
| 7 | 2019_MCL_149490_1 | Underground Cleaning of fallen coal/shale at different locations in mine and floor cutting in coal for heightening of gallery from 2L/4R to 0L/4R in HR bottom Seam for the purpose of Rescue Competition at Orient Colliery Mine No-4, OSA, OA, MCL | 258722.00 |
| 8 | 2019_MCL_149359_1 | PROCUREMENT OF DRIVELINES SPARES FOR DUMPER AND WATER SPRINKLER | 423667.00 |
| 9 | 2019_MCL_149411_1 | SUPPLY OF PICKS FOR LnT SURFACE MINER | 364800.00 |
| 10 | 2019_MCL_149450_1 | Hiring of One No. of School Bus having minimum seating capacity of 52 PLUS 1 for a period of Two years (i.e.536 Days), 12Hrs/Day engagement, average run of 100Km/Day for use at Talcher Colliery. | 2012144.00 |
| 11 | 2019_MCL_149514_1 | PROCUREMENT OF FILTER FOR ZW-220 LOADERS | 553114.00 |
| 12 | 2019_MCL_149526_1 | PROCUREMENT OF SPARES FOR HYDRAULIC TORQUE WRENCH | 833724.00 |
| 13 | 2019_MCL_149566_1 | PROCUREMENT OF 55 CELLS OF 2.2V/150 AH VRLA BATTERY BANK | 414090.00 |
| 14 | 2019_MCL_149576_1 | PROCUREMENT OF UPPER AND LOWER HALF CASING WITH FASTENERS (CF9M/STEEL) 200/250 EST | 2700000.00 |
| 15 | 2019_MCL_149585_1 | PROCUREMENT OF SPARES FOR WIRTGEN SURFACE MINOR | 694455.00 |
| 16 | 2019_MCL_147281_1 | AMC for maintenance of O/H lighting line in the mines premises(from Kansamunda mine site to Telisingha Railway siding, Z patch) including breakdown attending, fault rectification, light fitting dismantling and erection, EnT maintenance for one year | 3315076.00 |
| 17 | 2019_MCL_149430_1 | Complete renovation of garden light and street light of VIP Guest House and CMD Bungalow of Jagannath Area | 1145968.00 |
| 18 | 2019_MCL_149438_1 | Renovation of Road Lighting from DAV School main gate to Dera Post Office Chaak under Jagannath Area | 974778.00 |
| 19 | 2019_MCL_149511_1 | Hiring of HEMMs (Shovel/Dumper/Dozer etc) for Rehandling of OB includ excvation,loading, dumping, spreading, dozing and other allied work at specified area for dumping as per instruction of Project Management of Kaniha OCP Kaniha Area | 21165566.00 |
| 20 | 2019_MCL_149495_1 | Day to day cleaning and upkeeping of 33KV Sub-Station Yard for a period of 02 years (608 Days) at LOCP, IB Valley Area. | 643543.00 |
| 21 | 2019_MCL_149561_1 | Procurement of Spares for Gearbox for Nandira Colliery MCL,TA | 1354131.00 |
| 22 | 2019_MCL_149574_1 | Hiring of 01no. AC running 10 wheel Truck carrying capacity 16 Te GVW 25 Te. Chassis mounted mist blower fog cannon min 40 mtr radial throw along with min. 25KVA DG Set and 12kL water tank and suitable no. of nozzles for LKPOCP, Lakhanpur Area, MCL. | 6125759.00 |
| 23 | 2019_MCL_149578_1 | Comprehensive Annual Maintenance Contract and running of air cooled packaged air conditioner of Rajanigandha club of Jagruti vihar colony and Nishigandha club of Anand vihar colony of MCL HQ, Burla for a period of two years | 1380722.00 |
| 24 | 2019_MCL_149552_1 | PROCUREMENT OF DIFFERENT TYPES OF INSULATING TAPES AND PAPERS FOR CWS(X) TALCHER. | 691026.00 |
| 25 | 2019_MCL_149593_1 | Supply of BE-1000 Shovel Spares | 2838615.00 |
| 26 | 2019_MCL_149472_1 | Hiring of one no. of Bolero/Sumo or equivalent covered vehicle (6 plus 1 seater) with AC fitted (Diesel) for 12 hrs duty for a period of two years for Hingula Area. | 913607.00 |
| 27 | 2019_MCL_149537_1 | SUPPLY OF SPARES FOR Wirtgen Surface Miner | 1166717.00 |
| 28 | 2019_MCL_149627_1 | Supply of water through water tanker to different locations inside the mine, time office, canteen and other infrastructures under BBSRI OCP under Jagannath Area.(For a period of 02 years). | 2028597.00 |
| 29 | 2019_MCL_149652_1 | Providing of concrete water loading platform at railway siding No.2 of BBSRI OCP under Jagannath Area. | 536635.00 |
| 30 | 2019_MCL_149701_1 | Construction of Anganwadi Centre at R and R Site, Boulpur under Jagannath Area.(Re-tender 2nd time) | 982666.00 |
| 31 | 2019_MCL_149636_1 | Hiring of 02 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area. | 1887912.00 |
| 32 | 2019_MCL_149717_1 | Procurement of spares (Governor side are assy. for Man riding and anchor car) of Hauler Man Riding System. | 772522.00 |
| 33 | 2019_MCL_149659_1 | Supply of Tonner cartridge. | 372374.00 |
| 34 | 2019_MCL_149708_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 24 hrs duty basis with deployment of 02 nos. of drivers(having staggered rest) max run 3500 km/month for 02 years (682 days) for Lakhanpur OCP LKPA | 1353770.00 |
| 35 | 2019_MCL_149581_1 | Providing Two wheeler shed at new SILO at Bharatpur OCP. | 421757.00 |
| 36 | 2019_MCL_149667_1 | Annual repar maintenance and upkeeping of Central Workshop IB Valley for the year 2019 20 | 1949764.00 |
| 37 | 2019_MCL_149705_1 | Operation of valve for drinking water supply, cleaning and upkeeping of Water Treatment Plant and Old filter plant near MTK Office at Basundhara Area for Two years | 2411615.00 |
| 38 | 2019_MCL_149722_1 | spares for Leco AC-500 Bomb Calorimeter | 764359.00 |
| 39 | 2019_MCL_149761_1 | Supply of VHF Walkie Talkie Set at Lingaraj OCP | 960285.00 |
| 40 | 2019_MCL_149663_1 | Repairing and replacement of Sewer line in A type, old B type and C type quarters of CWs colony at CWS(X) Talcher (Re Tender) | 7483954.00 |
| 41 | 2019_MCL_149645_1 | Hiring of HEMM(Shov/Dump/Dril/Doz etc) for remo of all typ of mat frm surf top to abov Seam-II in all kind of strat incl dril, excv, dump, spread, doz and oth alli work at spec area for dump as per intru of Proj Mngmt of Bharatpur OCP Bharatpur Area | 4878538865.00 |
| 42 | 2019_MCL_149739_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area. | 943956.00 |
| 43 | 2019_MCL_149750_1 | Repairing of plinth protection and surface drainage system around DAV school building,badminton and basketball court,assembly stage,renovation of rcc ramp to the school building to joining the first floor at DAV school under IB Valley Area. | 6679622.00 |
| 44 | 2019_MCL_149767_1 | Annual repairing and maintenance of B and C type quarters of Old Doctors Colony under IB Valley Area. | 682801.00 |
| 45 | 2019_MCL_149789_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hours duty basis with deployment of one no. driver having staggered rest max run 2500 km/month for 02 years (682 days) for LKP OCP Lakhanpur Area | 921382.00 |
| 46 | 2019_MCL_149707_1 | Day to day repair and maintenance of water supply works at CWS colony CWS IBV for one year 2019-20 | 297849.00 |
| 47 | 2019_MCL_149754_1 | Annual upkeeping of CWS colony for one year 2019-20 | 930409.00 |
| 48 | 2019_MCL_149752_1 | Maintenance and development of lawn and garden of Basundhara Township at Basundhara Area for Two years | 7882107.00 |
| 49 | 2019_MCL_149807_1 | Barbed wire fencing for demarcation of area and miscellaneous work behind the GM office of Lingaraj OCP, Lingaraj Area. | 610913.00 |
| 50 | 2019_MCL_149791_1 | Transportation of crushed coal by Tippers from CHPs of Lingaraj OCP to Deulbera Siding at Lingaraj OC Project, Lingaraj Area for a total quantity of 3,00,000 Te.( 3rd Call) | 8191560.00 |
| 51 | 2019_MCL_149810_1 | Supply of tea to the employees of Project Office, Lingaraj OCP for a period of one year. | 264574.00 |
| 52 | 2019_MCL_149817_1 | Extension of a Two Wheeler Parking shed inside the premises of G.M Office, Lingaraj Area. | 684467.00 |
| 53 | 2019_MCL_149530_1 | Annual Maintenance of Lawns Gardens and Plantation Areas at Anand Vihar Township for a period of 02 (two) years. MCL HQ. | 7933011.00 |
| 54 | 2019_MCL_149732_1 | Repairing/Reconditioning of 06 Nos. Idler Wheel and 02 nos. Take up Wheel with new bronze bush fitting of EKG-5A Shovel HMB-459 running at Jagannath OCP, Jagannath Area. | 453618.00 |
| 55 | 2019_MCL_149759_1 | PROCUREMENT OF ANDREW YULE MAKE VCB FIELD SWITCH | 457926.00 |
| 56 | 2019_MCL_149769_1 | PROCUREMENT OF SPARES FOR PROTECTION INDIA MAKE H T STARTER | 785498.00 |
| 57 | 2019_MCL_149855_1 | SUPPLY OF CALIBRATION FLUID. | 98960.00 |
| 58 | 2019_MCL_149872_1 | SUPPLY OF SLINGS AND DEE SHACKLES. | 100386.00 |
| 59 | 2019_MCL_149848_1 | Power supply and rearrangement of power supply to newly constructed stadium by LT overhead line at Basundhara area | 253797.00 |
| 60 | 2019_MCL_149763_1 | Replacement of CGI sheet roofing of social gathering place of village Khadam under Belpahar OCM of Lakhanpur Area. | 136052.00 |
| 61 | 2019_MCL_149849_1 | Supply, installation and commissioning of 1.5 Ton Split Air Conditioner. | 155262.00 |
| 62 | 2019_MCL_149910_1 | Procurement of SDL Spares for MCL Talcher Area. | 34060.00 |
| 63 | 2019_MCL_149880_1 | Hiring of One (01) No. Diesel Mahindra Bolero / Tata Pick up or equivalent cabin seat 4 PLUS 1 and minimum 1 (one) Ton Load capacity in rear load body, Daily 24 hours operation for a period of 02 years for PO Office Pool, Lingaraj OCP, Lingaraj Area | 1845492.00 |
| 64 | 2019_MCL_149905_1 | Day to day preparation,serving etc at VIP Guest House,new Transit House and Directors Bunglow under Bharatpur Area (Labour rate only) for a period of Two years. | 7919017.00 |
| 65 | 2019_MCL_149933_1 | Supply of Electromagnetic Water Flow meter at IWSS Lingaraj Area | 368700.00 |
| 66 | 2019_MCL_149893_1 | Supply of spares for LnT Komatsu make wheel dozer | 118925.00 |
| 67 | 2019_MCL_149894_1 | Supply of Clutch and Male clutch FOR PnH SHOVELS | 178000.00 |
| 68 | 2019_MCL_149924_1 | PROCUREMENT OF DIFFERENT SIZE OF CAST STEEL HEAVY DUTY SLUICE VALVE, NON-RETURN VALVE AND FOOT VALVE | 267304.00 |
| 69 | 2019_MCL_150025_1 | PROCUREMENT OF HEAVY DOUBLE ARMOURED STEEL BRAIDED HOSE BOTH 8 INCH AND 6 INCH FOR PUMPING ACTIVITIES | 371280.00 |
| 70 | 2019_MCL_149962_1 | Supply and fixing of 88 nos. energy meter along with updation of wiring in executive quarter of GM Complex and Doctor Colony, IB Valley Area. | 1307865.00 |
| 71 | 2019_MCL_149964_1 | Supply of spares for Tata Hitachi EX 1200 Hyd. Excavator. | 2417723.00 |
| 72 | 2019_MCL_150069_1 | Supply of spares for AC system fitted with BEML and LnT Hyd excavators at Lingaraj OCP | 315552.00 |
| 73 | 2019_MCL_150090_1 | Supply of spares for Lubrication system for BH-60 Dumpers at Lingaraj OCP (Exclusively for OEM/OPM/OES) | 1281130.00 |
| 74 | 2019_MCL_150102_1 | Supply of Tooth Point and spares for TATA EX1200 n ZX450 Hyd excavators at Lingaraj OCP | 341222.00 |

ଏମ୍‌ସିଏଲ୍ ଇ–ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ୦୬୬୩–୨୫୪୨୬୯୫/୨୫୪୨୨୬୪)–ଇ–ମେଲ୍ – hlp-eproc.mcl@coalindia.in

ଆମର ଆପ୍ସ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ରେ ଏକ ମିସ୍‌ଡ କଲ୍ କରନ୍ତୁ ।

R-4939


## ବିଶ୍ୱକର୍ମା ପୂଜାରେ ଗୁଣପୁର ଚଳଚଞ୍ଚଳ



ଗୁଣପୁର, (ଆ:ପ୍ର): ଗୁଣପୁର ସହରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି ।

ଗୁଣପୁର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଦେବଶିଳ୍ପି ବିଶ୍ୱକର୍ମାଙ୍କ ପୂଜା ଧୁମଧାମ୍‌ରେ ପାଳିତ ହୋଇଚ୍ଛି । ଏଥିପାଇଁ କାର୍ଯ୍ୟାଳୟ ପରିସରରେ ସୁନ୍ଦର ଆଲୋକସଜ୍ଜା ସହ ତୋରଣ ଶୋଭା ପାଉଥିବା ବେଳେ ଦେବଶିଳ୍ପି ବିଶ୍ୱକର୍ମାଙ୍କ ସୁନ୍ଦର ମୃଣ୍ମୟ ମୂର୍ତ୍ତି ଭକ୍ତିଭାବ ପରିବେଷ ସୃଷ୍ଟି କରିଚ୍ଛି । ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନା କରିଯାଇଥିଲା । ସେହିପରି ସହରର ବିଭିନ୍ନ ବେସରକାରୀ ଅନୁଷ୍ଠାନ ଗୁଡିକରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଚ୍ଛି ।

## ନିଆଁରେ ପୋଡି ହୋଇ ଯୁବତି ଗୁରୁତର

ଗୁଣପୁର, (ଆପ୍ର): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବାଲାଜିଗୁଡା ଗ୍ରାମର ଜଣେ ଯୁବତି ନିଆଁରେ ପୋଡି ହୋଇ ଗୁରୁତର ଥିବା ଜଣାପଡିଚ୍ଛି । ଯୁବତିର ନାମ ଜ୍ୟୋସ୍ନା ଶବର ବାଲାଜିଗୁଡା ଗ୍ରାମର ସୁବାଷ ଶବରଙ୍କ ଝିଅ ବୋଲି ଜଣାପଡିଥିବା ବେଳେ ସେ ପଦ୍ମପୁର କଲେଜର ଯୁକ୍ତ ଦୁଇ ଛାତ୍ରା । ପରିବାର ଲୋକେ ଗୁରୁତର ଅବସ୍ଥାରେ ଯୁବତିକୁ ପଦ୍ମପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଯୁବତୀର ଶରିରର ୯୦ ପ୍ରତିଶତ ପୋଡିହୋଇ ପରିସ୍ଥିତି ସଂକାଟାପନ୍ନ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡିଚ୍ଛି । ଘରେ କେହିନଥିବା ସମୟରେ ନିଆଁରେ ଯୁବତି ପୋଡି ହୋଇଯାଇଥିବା ପରିବାର ଲୋକେ କହୁଥିବା ବେଳେ କେଉଁ ପରିସ୍ଥିତିରେ ଓ କଣ ପାଇଁ ନିଆଁରେ ଯୁବତି ପୋଡି ହେଲା ତାହାର କାରଣ ଖୋଜିବା ପାଇଁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଚ୍ଛି ।

## ପେଲେସ ଲାଇନ ଭଗବତ ପିଠରେ ଭାଗବତ ଜନ୍ମ

ବଲାଙ୍ଗିର, (ଆପ୍ର): ବଲାଙ୍ଗିର ପେଲେସଲାଇନ ସ୍ଥିତ ସତ୍ୟେନ୍ଦ୍ର ପ୍ରତାପ ସିଂହଦେଓଙ୍କ ବାସଭବନ ସ୍ଥିତ ପଞ୍ଚସଖା ଭାଗବତ ପିଠରେ ଭାବଗତ ଜନ୍ମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଭାଗବତ ପାଠକ, ପ୍ରବଚନ, ସଂକିର୍ତ୍ତନ ସହ ଯଥା ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜକ ଭାବେ ସେବକ ମିଶ୍ର ଓ ପ୍ରବଚନ ପ୍ରଶାନ୍ତ ମିଶ୍ର ପୂଜା / ପ୍ରବଚନ କାର୍ଯ୍ୟ ସମ୍ପାଦନ କରିଥିଲେ । ଆଗାମୀ ଏକ ବର୍ଷ ଲାଗି ଏହି ପିଠରେ ପ୍ରତି ରବିବାର ଭାଗବତ ପଠନ, ବୈଠକ ସଂକିର୍ତ୍ତନ ପାଇଁ ସଂକଳ୍ପ ନିଆଯାଇଥିଲା । ଉତ୍ସବରେ ଶଙ୍କର୍ଷଣ ପାଣିଗ୍ରାହୀ, ବନମାଳି ମିଶ୍ର, ତପନ ମିଶ୍ର, ସୁରେଶ ଦାସ, ବିଭୁତି ବେଦବାକ, ଦିଲିପ ନାଏକ, ପ୍ରମୋଦ ବାଗ, ମୁରାରୀ ସେଲମା, ବୁଦ୍ଧୁ ମାଝି, ରାଶେ ଭାଟି, ଦତ୍ତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

## ଗୁଣପୁର ବ୍ଲକରେ ୧୯୨ଙ୍କ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ

ଗୁଣପୁର, (ଆପ୍ର): ଗୁଣପୁର ବ୍ଲକ ପରିସରରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚ୍ଛି । ଗୁଣପୁର ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଏସୋ ଶବର, ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗୋ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀନିବାସ ଆଚାରୀ ପ୍ରମୁଖ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ୧୯ଟି ପଞ୍ଚାୟତରେ ନୂତନ ଭାବେ ଚିହ୍ନଟ କରାଯାଇଥିବା ୧୯୨ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏସସିଓ ସଂଯୋଜନା କରିଥିବା ବେଳେ ନିର୍ବାହି ଅଧିକାରୀ ଉପସ୍ଥିତ ଥିଲେ ।



ଗୁରୁନାନକ ପବ୍ଲିକ୍ ସ୍କୁଲ–ଇଣ୍ଟରେକ୍ଟ କ୍ଲବ୍ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ


### ତହସିଲଦାରଙ୍କ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି

— ନୋଟିସ୍ —

ଏତଦ୍ ଦ୍ୱାରା କୁକୁଡ଼ାଖଣ୍ଡି ତହସିଲର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଂଜାମ ଜିଲ୍ଲାପାଳଙ୍କ ଆଦେଶ ପ୍ରକାରେ ଜମିଜମା ସମ୍ବନ୍ଧୀୟ ମାମଲାର ଫଇସଲା ପାଇଁ ବିଭିନ୍ନ ରାଜସ୍ୱ ଗ୍ରାମରେ ତା.୧୬.୦୯.୨୦୧୯ ଠାରୁ ୩୦.୦୯.୨୦୧୯ ପର୍ଯ୍ୟନ୍ତ ସମାଧାନ ଶିବିର ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ଶିବିରରେ ନିମ୍ନପ୍ରଦର୍ଶିତ ବିଷୟଗୁଡ଼ିକ ଆଲୋଚନା ମାଧମରେ ଫଇସଲା କରିବା ପାଇଁ ପଦକ୍ଷେପ ନିଆଯିବ । ଲୋକମାନଙ୍କ ନିକଟରେ ରାଜସ୍ୱ ସେବା ଯୋଗାଇ ଦେବା ପଦକ୍ଷେପ ସ୍ୱରୂପ ଏଭଳି ଏକ ମହତକାଂକ୍ଷୀ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଅନୁରୋଧ ।

| କ୍ରମିକ ସଂଖ୍ୟା | ସର୍କଲର ନାମ | ତାରିଖ |
|---|---|---|
| ୧. | କୁକୁଡ଼ାଖଣ୍ଡି | ୧୬.୦୯.୪୨୦୧୯ |
| ୨. | ଆଙ୍କୁଶପୁର | ୧୭.୦୯.୪୨୦୧୯ |
| ୩. | କୃପାସିନ୍ଧୁପୁର | ୧୮.୦୯.୪୨୦୧୯ |
| ୪. | ନିମଖଣ୍ଡି | ୧୯.୦୯.୪୨୦୧୯ |
| ୫. | ବୋରିଗାଁ | ୨୦.୦୯.୪୨୦୧୯ |
| ୬. | ଚଣ୍ଡିପଦର | ୨୧.୦୯.୪୨୦୧୯ |
| ୭. | ଗୁରୁଣ୍ଡିମ | ୨୩.୦୯.୪୨୦୧୯ |
| ୮. | ବୋଉଲଝୋଲି | ୨୪.୦୯.୪୨୦୧୯ |
| ୯. | ପାଣ୍ଡିଆଝୋଲି | ୨୪.୦୯.୪୨୦୧୯ |
| ୧୦. | ବାଲିପଡ଼ା | ୨୬.୦୯.୪୨୦୧୯ |
| ୧୧. | ଦକ୍ଷିଣପୁର | ୨୬.୦୯.୪୨୦୧୯ |
| ୧୨. | ଲାଠି | ୨୬.୦୯.୪୨୦୧୯ |
| ୧୩. | ବହୁପଲ୍ଲୀ | ୩୦.୦୯.୪୨୦୧୯ |
| ୧୪. | ଶିହଳା | ୩୦.୦୯.୪୨୦୧୯ |

୧ ଓଡ଼ିଶା ଭୂ-ସଂସ୍କାର ଆଇନ ଧାରା-୧୯ ଉପଧାରା (୧) (ଗ) ଆପୋଷ ଆଲୋଚନା ମାଧମରେ ଅଂଶୀଦାର / ପାରିବାରିକ ବଣ୍ଟନ ପ୍ରକାରେ ପୃଥକ ପାଟ୍ ଜାରି କରିବା ସମ୍ବନ୍ଧୀୟ ଆଲୋଚନା ।
୨. ଦାଖଲ ଖାରଜ ମାମଲା ସଂକ୍ରାନ୍ତୀୟ ।
୩. O.L.R 8 (A) ପ୍ରକାରେ ଚାଷ ଜମିକୁ ଅଣାଚାଷଭୁକ୍ତ କରିବା ସଂକ୍ରାନ୍ତୀୟ ମାମଲା ।
୪. ଓଡ଼ିଶା ସରକାରୀ ଜମି ଅବରୋଧ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ସମ୍ବନ୍ଧୀୟ
୫. ବିବିଧ ପ୍ରମାଣ ପତ୍ର ପ୍ରଦାନ ସମ୍ବନ୍ଧୀୟ
୬. ଗ୍ରାମକଣ୍ଠ ଘରବାରୀ ଜମିରୀ ରୟତି ସ୍ୱତ୍ତ୍ୱରେ ବନ୍ଦୋବସ୍ତ ସମ୍ବନ୍ଧୀୟ ମାମଲା

ତହସିଲଦାର, କୁକୁଡ଼ାଖଣ୍ଡି